# ଉଚ୍ଚ ଉଡ଼ାଣ!

ଗୀତା ଧର୍ମରାଜନ୍



କଥାର ଗୋଟିଏ 300ମି ଚିନ୍ତା କରିବା ପାଇଁ ଖୋରାକ ଯୋଗାଉଥିବା ବହି



ଗୋଟେ ଛୋଟ
ଝିଅ ଥିଲା । ତା ନାଁ
ଥିଲା

# ସୁନି ପାଣ୍ଡ୍ୟା ।

ସୁନି ମନରେ ଥିଲା ଏକ ବଡ଼ ସ୍ୱପ୍ନ ।

ସେ ଚାହୁଁଥିଲା ଆକାଶରେ ଉଡ଼ିବାକୁ!

ନିଜ ସ୍ୱପ୍ନ ସତ କରିବାକୁ ସେ ଖୁବ୍
ପରିଶ୍ରମ କଲା ।



ଆଉ ଦିନେ ସତକୁ ସତ...
ସେ ମହାକାଶକୁ ଉଡ଼ିଗଲା!



ବେଳେବେଳେ ତାର ସ୍ପେସଶିପ୍ କାମ କରୁ ନ ଥିଲା, ହେଲେ ସୁନି ନିଜେ ତାକୁ ଠିକ୍ କରିଦେଉଥିଲା ।

ସୁନି ବାଦଲ ଭିତର ଦେଇ ଉଡୁଥିଲା ।
ଗୋଟେ ସ୍ପେସଶିପକୁ ଏକା ଉଡ଼ାଇବା
ବହୁତ ବଡ଼ ଦାୟିତ୍ୱ ଥିଲା!





ସୁନି ତାର ସ୍ପେସଶିପ ଭିତରେ ବ୍ୟାୟାମ କରୁଥିଲା!



ସୁନି ମହାକାଶରେ 195 ଦିନ ରହିଲା! ସେ ସ୍ପେସଶିପ୍ ଭିତରେ ହିଁ ଖାଉଥିଲା, ଶୋଉଥିଲା, ପଢୁଥିଲା!



ସୁନି ଖୁବ୍ ସାହସୀ । ଠିକ୍ ତୁମରି ଭଳି!

ବୋଧହୁଏ ତୁମେ ବି ଦିନେ ତାରା ରାଇଜକୁ ଯାଇପାରିବ!

# ଆକାଶକୁ ଦେଖ!

ଦିନବେଳେ, ଆକାଶରେ ସୂର୍ଯ୍ୟଙ୍କର କିରଣ ଆଉ ବାଦଲ ଭରିଥାଏ ।

ରାତିରେ, ଆକାଶ ଭରିଯାଏ ଜହ୍ନ ଆଉ କେତେ କେତେ ତାରାରେ ।

ବୈଜ୍ଞାନିକମାନେ ଯେତେବେଳେ ଆକାଶ ବିଷୟରେ କଥା ହୁଅନ୍ତି, ସେମାନେ ତାକୁ କହନ୍ତି ମହାକାଶ ।



ଅନେକ ବର୍ଷ ଯାଏଁ ବୈଜ୍ଞାନିକମାନେ ଜାଣି ପାରି ନ ଥିଲେ ଯେ ମହାକାଶ କେଉଁଥିରେ ତିଆରି!

ତୁମେ ଦିନେ ବୈଜ୍ଞାନିକ ହୋଇପାର ଆଉ ମହାକାଶର ରହସ୍ୟ ଖୋଜି ବାହାର କରିପାର!

ମହାକାଶର

ତଳେ ଦିଆଯାଇଥିବା ଚିତ୍ରଗୁଡ଼ିକୁ ଦେଖ । ପ୍ରତି ଚିତ୍ରକୁ ଏହି ବହିର ପୃଷ୍ଠା ସହିତ ମେଳ କର, ଯେଉଁ ପୃଷ୍ଠାରେ ଚିତ୍ରଟି ପ୍ରଥମେ ଛପା ଯାଇଛି । ଚିତ୍ରଗୁଡ଼ିକୁ ରଙ୍ଗ କର!





# ମୁଁ ପୃଥିବୀ!

ଏହା ବାହ୍ୟ ମହାକାଶରୁ ଉଠାଯାଇଥିବା ପୃଥିବୀର ଏକ ଫଟୋ ।

ତୁମେ ଏହି ଫଟୋରେ ଭାରତ ଖୋଜି ପାରିବ କି?

## ଚିନ୍ତା କର

ତୁମେ ବଡ଼ ହେଲା ପରେ କ'ଣ ହେବ ବୋଲି ସ୍ୱପ୍ନ ଦେଖୁଛ?



## ପଚାର

ତୁମ ସ୍ୱପ୍ନକୁ ସତ କରିବା ପାଇଁ ତୁମେ କଣ କରୁଛ?



## ଆଲୋଚନା କର

ତୁମ ସ୍ୱପ୍ନ ସାକାର କରିବା ପାଇଁ ତୁମ ପାଖରେ କ'ଣ ସବୁ ଗୁଣ ରହିବା ଦରକାର?

☐ କଠିନ ପରିଶ୍ରମ ☐ ଶିକ୍ଷା ☐ ସାହସ

☐ ଜ୍ଞାନ ☐ ଭୟ





## କାମ କର

ସବୁ ବାଧା ବିଘ୍ନର ମୁକାବିଲା କରି ନିଜର ସ୍ୱପ୍ନ ସାକାର କରିଥିବା ପାଞ୍ଚ ଜଣ ମହିଳାଙ୍କର ନାମ ଲେଖ । ସେମାନଙ୍କ ବିଷୟରେ ଅଧିକ ପଢ଼ ।



## 3-2-1 ଏବଂ ତୁମେ ଯିବା ପାଇଁ ପ୍ରସ୍ତୁତ!

ତୁମେ ମହାକାଶକୁ ଉଡ଼ି ଯିବାକୁ ପ୍ରସ୍ତୁତ । ସ୍ପେସଶିପ୍ ତୁମକୁ ଅପେକ୍ଷା କରିଛି । ତୁମେ କେଉଁ ପାଞ୍ଚୋଟି ଜିନିଷ ସାଙ୍ଗରେ ନେବା ଉଚିତ ଏବଂ କାହିଁକି?



# ମୁଁ ତୁମର ବନ୍ଧୁ, ପୃଥିବୀ!

ବୈଜ୍ଞାନିକମାନେ କୁହନ୍ତି ଆକାଶରେ ବହୁ ସଂଖ୍ୟକ ତାରା ଅଛନ୍ତି । କିନ୍ତୁ ସେମାନଙ୍କ ମଧରୁ ଅଧିକାଂଶ ତାରାଙ୍କୁ ଦେଖିବା ପାଇଁ ଟେଲିସ୍କୋପ୍ ଦରକାର!

ଗୀତା ଧର୍ମରାଜନ୍ ତାମିଲନାଡୁର ତାଞ୍ଜାଭୁର ଜିଲ୍ଲାର ବାସିନ୍ଦା । ପିଲାମାନଙ୍କ ପାଇଁ ଲେଖାଲେଖି କରୁଥିବା ଗୀତା 1988ରେ କଥା ଆରମ୍ଭ କରିଥିଲେ । ଶିକ୍ଷା ଏବଂ ସାହିତ୍ୟ କ୍ଷେତ୍ରରେ ତାଙ୍କର ଅବଦାନ ପାଇଁ ପଦ୍ମଶ୍ରୀ ସମେତ ସେ ଅନେକ ପୁରସ୍କାର ଲାଭ କରିଛନ୍ତି ।

ଫଟୋଗ୍ରାଫ୍: ଉଇକିମିଡିଆ କମନ୍ସ

# KATHA

କଥା ଏକ ବିଶ୍ୱବ୍ୟାପୀ ସ୍ୱୀକୃତିପ୍ରାପ୍ତ ଅଣ-ଲାଭକାରୀ ସଂସ୍ଥା (www.katha.org) ଯାହା 1988 ମସିହାରୁ ସାକ୍ଷରତାରୁ ସାହିତ୍ୟ କ୍ଷେତ୍ରରେ ନିରନ୍ତର କାର୍ଯ୍ୟ କରି ଆସୁଅଛି । ଗରୀବ ପିଲାମାନଙ୍କ ପାଇଁ ପ୍ରକାଶନ ଏବଂ ଶିକ୍ଷା କ୍ଷେତ୍ରରେ ଆମର ପ୍ରାୟ 30 ବର୍ଷର ଅଭିଜ୍ଞତା ଅଛି ।

"ଭାରତର ମୁକୁଟରେ ଶିକ୍ଷାର ଏକ ଉଜ୍ଜ୍ୱଳ ମଣି" **— ନାୟୁକି ଶିନୋହାରା, ଉପ ପରିଚାଳନା ନିର୍ଦ୍ଦେଶକ, ଆଇଏମ୍ ଏଫ୍**

"ସହରର ସାଧାରଣ ତଥା ଦୈନନ୍ଦିନ ଜୀବନର ଛୋଟ ଛୋଟ ଦୁଃଖ ଓ ଭୟଙ୍କର କଷ୍ଟର ମୁକାବିଲା କରିବା ପାଇଁ ଯେଉଁ ସବୁ ସୃଜନଶୀଳ ପ୍ରଚେଷ୍ଟା ଚାଲିଅଛି ସେମାନଙ୍କ ମଧ୍ୟରେ "କଥା" ର ଏକ ସ୍ୱତନ୍ତ୍ର ପରିଚୟ ଅଛି ।" **— ଚାର୍ଲ୍ସ ଲ୍ୟାଣ୍ଡ୍ରି, ଦ ଆର୍ଟ ଅଫ୍ ସିଟି ମେକିଙ୍ଗ୍**

"କଥା"ର ପିଲାମାନଙ୍କ ପାଇଁ ବିଶେଷ ଅନୁରାଗ ରହିଛି ତେଣୁ... ଏହା ପିଲାମାନଙ୍କ ପାଇଁ ଏପରି ସୁନ୍ଦର ସୁନ୍ଦର ଚିତ୍ର ସମ୍ବଳିତ ପୁସ୍ତକ ପ୍ରକାଶ କରୁଛି ।" **— ଟାଇମ୍ ଆଉଟ୍**

"କଥା" ବିଶ୍ୱାସ କରେ ଯେ ପିଲାମାନେ ତାଙ୍କ ଦୁନିଆରେ ବାସ୍ତବ ଏବଂ ଧାରଣାକ୍ଷମ ପରିବର୍ତ୍ତନ ଆଣିପାରିବେ, **— ପେପରଟାଇଗର୍ସ**

ଏହି ସଂସ୍କରଣ ପ୍ରଥମେ 2021 ପ୍ରକାଶିତ ହୋଇଥିଲା
କପିରାଇଟ୍©କଥା, 2021
ଲେଖା କପିରାଇଟ୍ © ଗୀତା ଧର୍ମରାଜନ୍
ଫଟୋଗ୍ରାଫ୍ କପିରାଇଟ୍©ୱିକିମିଡିଆ କମନ୍ସ
A3, ସର୍ବୋଦୟ ଏନକ୍ଲେଭ, ଶ୍ରୀ ଅରୋବିନ୍ଦ ମାର୍ଗ, ନୂଆଦିଲ୍ଲୀ 110 017
ଫୋନ୍ : 91-11 4141 6600 . 4141 6610
ଇମେଲ୍: editors@katha.org, Website: www.katha.org
ISBN 978-93-82454-65-6

ଆମର ଲକ୍ଷ: ପ୍ରତ୍ୟେକ ପିଲା ଖୁସି ମନରେ ଓ ଭଲଭାବରେ ପଢ଼ିପାରନ୍ତୁ!

"କଥା" ହେଉଛି ଏକ ପଞ୍ଜୀକୃତ ଅଣ-ଲାଭକାରୀ ସଂସ୍ଥା ଯାହା 1988 ରେ ସ୍ଥାପିତ ହୋଇଥିଲା । ଆମେ ସାହିତ୍ୟର ସାକ୍ଷରତା କ୍ଷେତ୍ରରେ ନିରନ୍ତର କାର୍ଯ୍ୟ କରୁ । ପିଲା ଏବଂ ବୟସ୍କମାନଙ୍କ ଭିତରେ ପଢ଼ିବାରେ ଇଚ୍ଛା ସୃଷ୍ଟି କରିବା ପାଇଁ ଏହା ସମର୍ପିତ ଭାବରେ ଚେଷ୍ଟା କରିଆସୁଛି, ଭଲ ମାନର ପୁସ୍ତକ ଓ ଅନ୍ୟାନ୍ୟ ପ୍ରଚେଷ୍ଟା ମାଧ୍ୟମରେ ଏହା ଭଲ ମାନର ପୁସ୍ତକ ପ୍ରକାଶ କରୁଛି 1,00,000 ରୁ ଅଧିକ ଗରୀବ ପିଲାଙ୍କ ସହିତ କାମ କରୁଛି ଏବଂ ସେମାନଙ୍କର ପଢ଼ିବାର ଶକ୍ତି ବଢ଼ାଉଛି ।

ସର୍ବ ସତ୍ତ୍ୱ ସୁରକ୍ଷିତ । ଏହି ପୁସ୍ତକର କୌଣସି ଭାଗ ପ୍ରକାଶକଙ୍କ ପୂର୍ବ ଲିଖିତ ଅନୁମତି ବିନା ପୁନଃ ପ୍ରକାଶିତ କିମ୍ବା ବ୍ୟବହୃତ ହୋଇପାରିବ ନାହିଁ ।

ଏହି ବହିଗୁଡ଼ିକର ବିକ୍ରୟରୁ ମୋଟ୍ ଆୟର 10ପ୍ରତିଶତ ବଞ୍ଚିତ ପିଲାମାନଙ୍କର ପଢ଼ିବା ଏବଂ ଜୀବନବ୍ୟାପୀ ଶିକ୍ଷା ପାଇଁ ଖର୍ଚ୍ଚ କରାଯିବ ।




ଆଇ ଲଭ୍ ରିଡିଙ୍ଗ୍ ଲାଇବ୍ରେରୀ ହେଉଛି ପୁସ୍ତକଗୁଡ଼ିକର ଏକ ଅନନ୍ୟ ସିରିଜ୍ ଯାହା ନୂଆକରି ପଢ଼ିବାକୁ ଶିଖୁଥିବା ଓ ନିଜର ଉପରେ କମ ବିଶ୍ୱାସ ଥିବା ପାଠକମାନଙ୍କୁ ଅନାୟସରେ ଆଗ୍ରହରେ ପଢ଼ିବାର ସାମର୍ଥ୍ୟ ଦେବାକୁ ଉଦ୍ୟମ କରିଆସୁଛି । ପଢ଼ିବାର ସାମର୍ଥ୍ୟ ଦୃଷ୍ଟିରୁ ଭିନ୍ନ ଭିନ୍ନ ସ୍ତରରେ ଥିବା ପିଲାମାନଙ୍କୁ ଆବଶ୍ୟକତାକୁ ଆଖିରେ ରଖି ଉଚ୍ଚକୋଟୀର ବିଷୟବସ୍ତୁ ଏବଂ ଆକର୍ଷଣୀୟ ଚିତ୍ର ସହିତ, ଏହା ଭାରତ ଏବଂ ବିଶ୍ୱର ସର୍ବୋତ୍ତମ ସାହିତ୍ୟିକ ସୃଷ୍ଟି ଏବଂ ଚିତ୍ରକଳାକୁ ଏକତ୍ର କରି ପରିବେଷଣ କରିଥାଏ । ଆମର ପ୍ରକାଶିତ ପୁସ୍ତକ ଗୀତା ଧର୍ମରାଜନଙ୍କ ଷ୍ଟୋରୀ ପେଡାଗୋଜୀTM - ଏକ ଅନନ୍ୟ ଶୈକ୍ଷଣିକ ନମୂନା ଯୋଗାଇଥାଏ, ଯାହା ପ୍ରଥମ ପିଢ଼ିର ପାଠକମାନଙ୍କୁ ବିଶେଷ ଭାବରେ ପଢ଼ିବାର ଆନନ୍ଦ ଦେଇଥାଏ, ଏବଂ ପିଲାକୁ ବିଗ୍ ଆଇଡିଆ (Big Idea) ଏବଂ ଟା-ଡା (Ta-Daa) ର ଆକର୍ଷଣୀୟ ଦୁନିଆକୁ ନେଇଯାଏ ! (ଚିନ୍ତାକର, ପ୍ରଶ୍ନ ପଚାର, ଆଲୋଚନା କର, ଅଭିନୟ କରି ଦେଖାଅ ଏବଂ ସଫଳତା ହାସଲ କର)

ସାମଗ୍ରୀକ ଦୃଷ୍ଟିକୋଣରୁ ପ୍ରାଥମିକ ଶିକ୍ଷାର ପ୍ରୟୋଗଶାଳା (Katha's Holistic Early Learning) ଏହା ସରକାରୀ, ଅଣ-ଲାଭକାରୀ ଏବଂ ବେସରକାରୀ ବିଦ୍ୟାଳୟର ଶିକ୍ଷକମାନଙ୍କୁ କର୍ମଶାଳା ଆୟୋଜିତ କରିଥାଏ । ଏଗୁଡ଼ିକ ହେଉଛି ଶିକ୍ଷକ, ବିଦ୍ୟାଳୟ ପ୍ରଶାସକ ଏବଂ ସ୍ୱେଚ୍ଛାସେବୀମାନେ କର୍ମଶାଳାର ପ୍ରତ୍ୟେକ୍ଷ ସମ୍ପର୍କ ଅନଲାଇନ୍ ସେସନ୍ ଯୋଗଦେଇ ଫଠନ ଶିକ୍ଷକ ସାର୍ଟିଫିକେଟ୍ ପାଆନ୍ତି । ଅଧିକ ଜାଣିବାକୁ, ଆମସହ 300m@katha.org ଯୋଗାଯୋଗ କରନ୍ତୁ

ଏହି ସମସ୍ତ ଆଇଏଲଆର୍ ବହିଗୁଡ଼ିକ ଗ୍ରୀନ୍ ସିରିଜରେ

ଆନନ୍ଦ ପାଇବା ପାଇଁ ଏବଂ ନୂଆ ନୂଆ କଥା ଆବିଷ୍କାର କରିବା ପାଇଁ ପଢ଼ନ୍ତୁ





































FOR OUR BOOKS

www.books.katha.org

"""[କଥା]... ଭାରତୀୟ ପ୍ରକାଶନୀ ଇତିହାସରେ ଏକ ସ୍ୱତନ୍ତ୍ର ଏବଂ ଅଦ୍ୱିତୀୟ ମୁହୂର୍ତ୍ତ ।""

- ପ୍ରତିଷ୍ଠିତ ଇକୋନୋମିକ୍ ଟାଇମ୍ସ "

ପିଲାମାନଙ୍କ ପାଇଁ

ଗୋଟିଏ କଥା ବହି

ISBN 978-93-88284-81-3

www.katha.org

` XXX